# ସବୁଜ ସ୍ୱର୍ଣ୍ଣ

# Green Gold

News Letter

କୃଷି ବିଜ୍ଞାନ କେନ୍ଦ୍ର, (ଓ. ୟୁ.ଏ.ଟି.) ନୟାଗଡ଼

Krishi vigyan Kendra, (O.U.A.T.), NAYAGARH

ଦ୍ୱାଦଶ ବର୍ଷ | ପ୍ରଥମ ସଂଖ୍ୟା | ସମାଚାର ପତ୍ର | ୨୦୧୯


## ଆର୍ୟାର କର୍ମଶାଳା

କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ଆନୁକୂଲ୍ୟରେ ଗତ ଜୁଲାଇ ମାସ ୧୨ ଓ ୧୩ ତାରିଖ ଦୁଇଦିନ ଧରି କୃଷି ବିଜ୍ଞାନ କେନ୍ଦ୍ରରେ ଆର୍ୟାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ଏବଂ ଆର୍ୟାର କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ୪ଟି କୃଷି ବିଜ୍ଞାନ କେନ୍ଦ୍ର ଯଥା:- ପୁରୀ, ନୟାଗଡ଼, ଗଞ୍ଜାମ-୧ ଓ ସମ୍ବଲପୁରର ବୈଜ୍ଞାନିକ ଓ ବରିଷ୍ଠ ବୈଜ୍ଞାନିକ ମାନେ ଯୋଗ ଦେଇଥିଲେ । ମତ୍ସ୍ୟଚାଷ, କୁକ୍କୁଟ ପାଳନ ଓ ଛତୁଚାଷ ଉପରେ ବୈଜ୍ଞାନିକ ମାନେ ଆଲୋଚନା କରିଥିଲେ ଏବଂ ଏହି ଚାଷ କରୁଥିବା ଚାଷୀମାନେ କିପରି ଅଧିକ ଉପକୃତ ହୋଇପାରିବେ



ସେଥି ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଏହି ଯୋଜନା ପାଇଁ ପ୍ରସ୍ତୁତ ଆର୍ଥିକ ମାନଦଣ୍ଡର ପୁଙ୍ଖାଂନୁପୁଙ୍ଖ ଆଲୋଚନା କରାଯାଇଥିଲା । ବିଗତ ବର୍ଷ ଓ ଚଳିତ ବର୍ଷର ଆର୍ଥିକ ମାନଦଣ୍ଡର ତୁଳନା କରାଯାଇ ଚଳିତ ବର୍ଷର ଖର୍ଚ୍ଚପାଇଁ ନୂତନ ପଦକ୍ଷେପ ଦିଆଯାଇଥିଲା । ଏଥିରେ ନୟାଗଡ଼ ଜିଲ୍ଲାର ଅଗ୍ରଣୀ ଚାଷୀମାନେ ଯୋଗଦେଇ ସେମାନଙ୍କର ମତବ୍ୟକ୍ତ କରିଥିଲେ । ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ (ଓୟୁଏଟି)ର ଯୁଗ୍ମ ନିର୍ଦ୍ଦେଶକ (ସୂଚନା) ଶ୍ରୀଯୁକ୍ତ ମହାମାୟା ପ୍ରସାଦ ନାୟକ ଏହି କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଥିଲେ । ସଂପ୍ରସାରଣ ଶିକ୍ଷାର ଅଧକ୍ଷ ଶ୍ରୀଯୁକ୍ତ ପ୍ରଭାତ ରାଉଳ ଏହି କାର୍ଯ୍ୟଶାଳାରେ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

## ଜଳ ସୁବିନିଯୋଗର ସଚେତନତା ଶିବିର




କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ତରଫରୁ ସ୍ଥାନୀୟ ଗୋଡ଼ିପଲ୍ଲୀ (ଶରଣକୁଳ) ଗ୍ରାମରେ ଜଳର ସୁବିନିଯୋଗ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜଳହିଁ କୃଷି କାର୍ଯ୍ୟର ମୁଖ୍ୟ ଉପାଦାନ ଏବଂ କିପରି ଭାବରେ ଏହାକୁ ଉଚିତ ବିନିଯୋଗ କରି କୃଷିକାର୍ଯ୍ୟରେ ଅମଳକୁ ତ୍ୱରାନ୍ୱିତ କରାଯାଇପାରିବ ଏହି ବିଷୟରେ ଆଲୋକପାତ କରାଯାଇଥିଲା । ଜଳର ସଂରକ୍ଷଣ, କୃଷି କ୍ଷେତ୍ରରେ ସଠିକ୍ ଉପଯୋଗ ଏବଂ ପରିଚାଳନାର ଆଲୋଚନା କରାଯାଇଥିଲା । ଭୂତଳ ଜଳ ସଂରକ୍ଷଣ ପାଇଁ ବୃକ୍ଷର ପରିରୋପଣ ଅନିବାର୍ଯ୍ୟ । ଏହା ଏହି ସଚେତନତା ଶିବିରରେ ଗ୍ରାମର ଚାଷୀଭାଇମାନଙ୍କୁ ଜଣାଇଦିଆଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ରଦ୍ୱାରା ପ୍ରସ୍ତୁତ ଉନ୍ନତ ମାନର ବୃକ୍ଷଚାରା ସବୁ ବିତରଣ କରାଯାଇଥିଲା । ବନବିଜ୍ଞାନ ସହକାରୀ ଶ୍ରୀ ବିକ୍ରମ କେଶରୀ ପରିମାଣିକ ଚାରାବିତରଣ କରିଥିଲେ ଏବଂ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ସ୍ୱଚ୍ଛ ଭାରତ ଅଭିଯାନ

ଜାତିର ଜନକ ପୂଜ୍ୟ ମହାତ୍ମାଗାନ୍ଧୀଙ୍କ ୧୫୦ତମ ପୁଣ୍ୟ ଜନ୍ମବାର୍ଷିକୀ ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ଆନୁକୂଲ୍ୟରେ ପାଣିପଇଲାସ୍ଥିତ ମଦର ଆବାସିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ପରିସର ମଧ୍ୟରେ ସଫେଇ କାର୍ଯ୍ୟ କରିଥିଲେ । ଶିକ୍ଷକ ଶିକ୍ଷୟତ୍ରୀ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କଦ୍ୱାରା ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପରିଷ୍କାର ଓ ସୁସ୍ଥ ପରିବେଶ ଗଠନର ମହତ୍ୱ ପ୍ରତିପାଦନ କରାଯାଇଥିଲା । ପରିଷ୍କାର ପରିବେଶରୁ ଉପଲବ୍ଧ ସ୍ୱାସ୍ଥ୍ୟ ଓ ଜୀବନ ଶୈଳୀର ତାତ୍ପର୍ଯ୍ୟ କୋମଳମତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲା । ଶେଷରେ ସମସ୍ତ ଛାତ୍ରଛାତ୍ରୀ ବୃକ୍ଷରୋପଣ କାର୍ଯ୍ୟରେ ସାମିଲ୍ ହୋଇଥିଲେ ଏବଂ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ସେମାନଙ୍କୁ ମିଷ୍ଟାନ୍ନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ତ୍ରିବିଜୟୀ ବଡ଼ଜେନା, ଶ୍ରୀ ବିକ୍ରମ କେଶରୀ ପରିମାଣିକ ଓ ଶ୍ରୀ ଦେବାଶିଷ ନାୟକ ପ୍ରମୁଖ ଯୋଗଦେଇଥିଲେ ।

## ଜଳଶକ୍ତି ଅଭିଯାନ

ଜଳ ଜୀବନର ଉତ୍ସ ଓ ଜଳଶକ୍ତିଦ୍ୱାରା ପୃଥିବୀ ପରିଚାଳିତ । ଏହି ବାର୍ତ୍ତାର ସଫଳର ରୂପାୟନ ପାଇଁ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ତରଫରୁ ସ୍ଥାନୀୟ ଦଶପଲ୍ଲାସ୍ଥିତ ନୂଛିପୁର ଗ୍ରାମରେ ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃଷି କ୍ଷେତ୍ରରେ ଜଳଶକ୍ତିର ସଠିକ୍ ଉପଯୋଗ ପାଇଁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନେ ଅଭିଭାଷଣ ଦେଇଥିଲେ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରଦ୍ୱାରା ପ୍ରସ୍ତୁତ ଉନ୍ନତମାନର ଚାରା ଗ୍ରାମବାସୀମାନଙ୍କୁ ବିତରଣ କରରାଯାଇଥିଲା । ବୃକ୍ଷମାନଙ୍କର ଚେର ମୃତ୍ତିକା ସଂରକ୍ଷଣ ଓ ଭୂତଳ ଜଳର ସଂରକ୍ଷଣରେ ସାହାଯ୍ୟ କରିଥାଏ । ଭୂତଳ ଜଳସ୍ତର ମାଟିର ଆର୍ଦ୍ରତା ଏବଂ ପୋଷକ ତତ୍ତ୍ୱର ରକ୍ଷା କରିଥାଏ ଯାହାକି ବୃକ୍ଷ ଓ ଫସଲର ଅଭିବୃଦ୍ଧି କରାଇଥାଏ ।



ଗ୍ରାମବାସୀମାନେ ଜଳଶକ୍ତି ସଂରକ୍ଷଣର ଉପକାରିତାକୁ ହୃଦୟଙ୍ଗମ କରିଥିଲେ । ଶ୍ରୀମତୀ ବିଜୟଲକ୍ଷ୍ମୀ ରାଉତ, ଶ୍ରୀ ତ୍ରିବିଜୟୀ ବଡ଼ଜେନା, ଶ୍ରୀ ବିକ୍ରମ କେଶରୀ ପରିମାଣିକ ଓ ଶ୍ରୀ ଦେବାଶିଷ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଫାଟୁଆରୋଗ ଏବଂ ଟୀକାକରଣ କାର୍ଯ୍ୟକ୍ରମର ସିଧାସଳଖ ପ୍ରସାରଣ




ପ୍ରଧାନମନ୍ତ୍ରୀଙ୍କ ଯୋଜନା ଅନୁଯାୟୀ ଗୋମହିଷାଦି ପଶୁମାନଙ୍କର ଫାଟୁଆରୋଗ ନିରାକରଣ ଓ କୃତ୍ରିମ ପ୍ରଜନନ ଶିବିର କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ଓ ଜିଲ୍ଲାମୁଖ୍ୟ ପଶୁଧନ ଅଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ଅନୁକୂଲ୍ୟରେ ଦଶପଲ୍ଲାସ୍ଥିତ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାମୁଖ୍ୟ ପଶୁଧନ ଅଧିକାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ତାପରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ବାର୍ତ୍ତା ଓ ମାନ୍ୟବର ପଶୁ ଅଧିକାରୀ ମନ୍ତ୍ରୀଙ୍କ ବାର୍ତ୍ତାକୁ ଦିଲ୍ଲୀରୁ ପ୍ରସାରିତ ଦୂରଦର୍ଶନ କାର୍ଯ୍ୟକ୍ରମଦ୍ୱାରା ସିଧାସଳଖ ଭାବରେ ପଶୁଚାଷୀମାନଙ୍କ ପାଖରେ ପହଞ୍ଚାଯାଇଥିଲା । ସ୍ଥାନୀୟ ଚାଷୀମାନଙ୍କର ପଶୁମାନଙ୍କୁ କୃତ୍ରିମ ପ୍ରଜନନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସହକାରୀ ପ୍ରାଣୀଧନ ଅଧିକାରୀ ନୟାଗଡ଼, ବ୍ଲକ ପ୍ରାଣୀଧନ ଅଫିସର ପ୍ରମୁଖ ଯୋଗଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଓ ଅନ୍ୟାନ୍ୟ ବୈଜ୍ଞାନିକ ମାନେ ଉପସ୍ଥିତ ଥିଲେ ।





## ସମନ୍ୱିତ ସାର ପରିଚାଳନା ସିଧାସଳଖ ପ୍ରସାରଣ କାର୍ଯ୍ୟକ୍ରମ

କୃଷି ମନ୍ତ୍ରଣାଳୟ, ଭାରତ ସରକାରଙ୍କ କୃଷି ନିର୍ଦ୍ଦେଶନା ଅନୁଯାୟୀ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ଓ କୃଷି ବିଭାଗ ନୟାଗଡ଼ ଆନୁକୂଲ୍ୟରେ ଗତ ତା୨୨/୧୦/୧୯ରିଖରେ କୃଷି ବିଜ୍ଞାନ କେନ୍ଦ୍ରଠାରେ ସମନ୍ୱିତ ସାର ପରିଚାଳନା ଉପରେ ଦୂରଦର୍ଶନ କାର୍ଯ୍ୟକ୍ରମ ପ୍ରସାରିତ ହୋଇଥିଲା । ଏଥିରେ କୃଷି ମନ୍ତ୍ରୀ ଓ ସାରମନ୍ତ୍ରୀଙ୍କ ପ୍ରସାରିତ ଅଭିଭାଷଣକୁ ଦୂରଦର୍ଶନ ମାଧ୍ୟମରେ ଚାଷୀମାନଙ୍କୁ ଦେଖାଯାଇଥିଲା । ସମଗ୍ର ନୟାଗଡ଼ ଜିଲ୍ଲାରୁ ପ୍ରାୟ ୨୦୦ଜଣ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମୃତ୍ତିକା ଆବଶ୍ୟକ କରୁଥିବା ସାର ସବୁ କିପରି ଭାବରେ ପ୍ରୟୋଗ କରାଯିବ ଏବଂ ସାର ଓ ଅଣୁସାରର ପ୍ରୟୋଗ ଅଭାବରୁ ତତ୍‌ଜନିତ ରୋଗକୁ କିପରି ନୟନ୍ତ୍ରଣ କରାଯିବ ସେହି ବିଷୟରେ କୃଷି ବିଭାଗର ଅଧିକାରୀ ମାନେ ଆଲୋକପାତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ର ବରିଷ୍ଠ ବିଜ୍ଞାନିକ ଓ ମୁଖ୍ୟ ଶ୍ରୀ ଅନିଲ୍ କୁମାର ସ୍ୱାଇଁ ଏହି ସଭାକୁ ପରିଚାଳନା କରିଥିଲେ । ମୃତ୍ତିକା ବୈଜ୍ଞାନିକା ଶ୍ରୀମତୀ ଲତା ମଲ୍ଲିକ ଧନ୍ୟବାଦ ଦେଇଥିଲେ ।

## ବୃହତ୍ ବୃକ୍ଷରୋପଣ ପରିଯୋଜନା

ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ତରଫରୁ ଏକ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ନୟାଗଡ଼ ଜିଲ୍ଲାର ଏକଶହ ଚାଷୀ ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ସହକାରୀ ବୈଜ୍ଞାନିକ (ବନବିଜ୍ଞାନ) ଶ୍ରୀ ବିକ୍ରମ କେଶରୀ ପରିମାଣିକ ବୃକ୍ଷରୋପଣ, ବୃକ୍ଷର ସଂରକ୍ଷଣ ଓ ବୃକ୍ଷରୋପଣ ଦ୍ୱାରା ମିଳୁଥିବା ଉପକାରିତା ଓ ପରିବେଶର ସୁରକ୍ଷା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । କୃଷି ବିଜ୍ଞାନକେନ୍ଦ୍ର ତରଫରୁ ଚାଷୀମାନଙ୍କୁ ଉଚ୍ଚମାନର ବୃକ୍ଷଚାରା ବିତରଣ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ, ଆଖୁ ଗବେଷଣା କେନ୍ଦ୍ରର ମୁଖ୍ୟ ଓ କୃଷି ବିଭାଗର ପଦାଧିକାରୀ ଏହି ସଭାରେ ଉପସ୍ଥିତ ରହି ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ ।



## ଟମାଟୋରେ ବୋରନ ଏବଂ କ୍ୟାଲସିୟମ ପ୍ରୟୋଗ

କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ଦ୍ୱାରା ୨୦୧୮-୧୯ ମସିହାରେ ଟମାଟୋରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା ଟମାଟୋରେ ଫୋଲିଆର ସ୍ପ୍ରେ କରାଯାଇଥିଲା । ଯଥା:- ବୋରିକ୍ ଏସିଡ୍ .୪% ଏବଂ କ୍ୟାଲ୍‌ସିୟମ କ୍ଲୋରାଇଡ୍ ୦.୫% ଫଳ ଧରିବା ସୟରେ ପ୍ରୟୋଗ କରାଯାଇଥିଲା । ଏହା ଫଳରେ ଫ୍ରୁଟ୍ କ୍ରାକିଙ୍ଗ ଏବଂ ବ୍ଲଜମ ଆଣ୍ଡ ରଟ୍ ଭଳି ଅଣୁସାର ଅଭାବ ଜନିତ ରୋଗ ଦୂରୀଭୂତ ହେବା ସହିତ ଚାଷୀଭାଇମାନେ ହେକ୍ଟର ପିଛା ୧୭୬.୭କ୍ୱିଣ୍ଟାଲ୍ ଅମଳ ପାଇଥିଲେ ଯାହାକି ପାରମ୍ପରିକ ଚାଷୀଠାରୁ ୩୦.୮୯% ଅଧିକ ଅଟେ ।

## ଚଣା ଫସଲରେ ସାର ପରିଚାଳନା

କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ଦ୍ୱାରା ୨୦୧୮-୧୯ ଚାଷୀଙ୍କ କ୍ଷେତ୍ରରେ ଚଣା ଫସଲରେ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଫସଲରେ ସଲଫର ହେକ୍ଟର ପିଛା ୨୦କି.ଗ୍ରା. ଏବଂ ରାଇଜୋବିୟମ୍ କଲଚର ମଞ୍ଜିରେ ପ୍ରୟୋଗ କରାଯାଇଥିଲା । ଏହା ଫଳରେ ମାଟିରେ ସଲଫର ଜନିତ ଅଣୁସାର ଅଭାବ ଦୂରୀଭୂତ ହେବା ସହିତ ଚାଷୀଭାଇମାନେ ହେକ୍ଟର ପିଛା (୯.୧) କ୍ୱିଣ୍ଟାଲ୍ ପାଇଥିଲେ ଯାହାକି ପାରମ୍ପରିକ ଚାଷଠାରୁ ୧୨% ଅଧିକ ଅଟେ ।

## ଶକ୍ତିଚାଳିତ ଧାନରୁଆ ଯନ୍ତ୍ରର ସଫଳ କ୍ଷେତ ପରୀକ୍ଷଣ

ସାଧାରଣତଃ ଧାନଚାଷର ମୁଖ୍ୟ କାର୍ଯ୍ୟ ହେଲା ଧାନରୁଆ । ଏଇ ଧାନରୁଆ କାର୍ଯ୍ୟଟି ଏକ ଶକ୍ତିଚାଳିତ ଧାନରୁଆ ଯନ୍ତ୍ର ବ୍ୟବହାରକରି ନୟାଗଡ଼ ଜିଲ୍ଲାର ଦଶପଲ୍ଲାବ୍ଲକସ୍ଥିତ ଗୋବର୍ଦ୍ଧନପୁର ଗ୍ରାମରେ ୧ହେକ୍ଟର ଜମିରେ ୧୦ଜଣ ଚାଷୀଙ୍କୁ ନେଇ ଧାନରୁଆ କାର୍ଯ୍ୟ କରାଯାଇଥିଲା । ଏହି ଯନ୍ତ୍ର ସାହାଯ୍ୟରେ ଏକା ସମୟରେ ୮ଧାଡ଼ିରେ ରୁଆ କାର୍ଯ୍ୟ କରାଯାଇପାରେ । ଧାଡ଼ିକୁ ଧାଡ଼ି ବ୍ୟବଧାନ ୨୩.୮ସେମି ଏବଂ ବୁଦାକୁ ବୁଦା ୧୬ସେମି ବ୍ୟବଧାନରେ ରୁଆ କାର୍ଯ୍ୟ ହୋଇଥିଲା । ଏକ ଏକର ଜମିରେ ରୋଇବା ପାଇଁ ପ୍ରାୟ ୨.୫ଘଣ୍ଟା ସମୟ ଲାଗିଥିଲା । ଏହି ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ଶତକଡ଼ା ୩୦-୪୦% ମଞ୍ଜି କମ୍ ଖର୍ଚ୍ଚ ହେବା ସହ ୪୦-୫୦% ଲୋକଶକ୍ତି ମଧ୍ୟ କମ୍ ହୋଇଥିଲା । ଆଖପାଖ ଗ୍ରାମର ଚାଷୀଭାଇମାନେ ଧାନରୁଆ କ୍ଷେତ୍ରରେ ଏହି ଯନ୍ତ୍ରକୁ ବ୍ୟବହାର କରିବାପାଇଁ ଦୃଢ଼ମନସ୍ଥ କରିଅଛନ୍ତି ।




## ମାଣ୍ଡିଆ ଅମଳ ଯନ୍ତ୍ରର ସଫଳ କ୍ଷେତ୍ର ପ୍ରଦର୍ଶନ

ନୟାଗଡ଼ ଜିଲ୍ଲାର ମାଣ୍ଡିଆ ଏକ ଅନ୍ୟତମ ବର୍ଷାଦିନିଆ ଫସଲ । ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ । କିନ୍ତୁ ମାଣ୍ଡିଆ ଚାଷ କରିବାପରେ ଏହାର ସଠିକ୍ ଅମଳ କରିବା ପଦ୍ଧତିର ସ୍ୱଳ୍ପ ଧାରଣା ହେତୁ ଏହି ଫସଲଟି ପ୍ରାୟ ନଷ୍ଟ ହୋଇଯାଇଥାଏ । ଏହାକୁ ଦୃଷ୍ଟିକୋଣରେ ରଖି କେନ୍ଦ୍ର ତରଫରୁ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସରପୋଖରୀ ଗ୍ରାମରେ ୧୦ଜଣ ଚାଷୀଙ୍କୁ ନେଇ ଏକ ମାଣ୍ଡିଆ ଅମଳଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟ କରାଯାଇଥିଲା । ଏହି ଯନ୍ତ୍ରଦ୍ୱାରା ପ୍ରାୟ ଏକ ଘଣ୍ଟାରେ ୫୦କେଜିରୁ ୧୦୦ କେଜି ପର୍ଯ୍ୟନ୍ତ ବିନା କାଠି କୁଟା ମାଣ୍ଡିଆ ଅମଳ କରାଯାଇପାରିଥିଲା । ଏବଂ ଏହି ଯନ୍ତ୍ରଟିକୁ ବ୍ୟବହାର କରିବାପରେ ସେଠିକାର ଚାଷୀମାନେ ଖୁବ୍ ଉପକୃତ ହୋଇଥିଲେ ଏଣୁ ଆଗାମୀ ଦିନରେ ଏହି ଯନ୍ତ୍ରଟିକୁ ମାଣ୍ଡିଆ ଅମଳ କରିବା ପାଇଁ ବ୍ୟବହାର କରିବେ ବୋଲି ଆଖପାଖ ଗ୍ରାମବାସୀମାନେ ମନସ୍ଥ କରିଅଛନ୍ତି । ଏହି କାର୍ଯ୍ୟକ୍ରମକୁ କୃଷି ଯାନ୍ତ୍ରିକ ସୂଚୀସ୍ମିତା ଦିବ୍ୱେଦୀ ପରିଚାଳନା କରିଥିଲେ ।

## ଧାନଚାଷରେ ଶକ୍ତିଚାଳିତ ଘାସବଛା ଯନ୍ତ୍ରର ସଫଳ କ୍ଷେତ୍ର ପରୀକ୍ଷଣ

ନୟାଗଡ଼ ଜିଲ୍ଲାରେ ଧାନ ଫସଲ ପ୍ରାୟ ୫୦,୦୦୦ହେକ୍ଟର ଜମିରେ ଚାଷ କରାଯାଇଥାଏ । ଏହି ଫସଲରୁ ଘାସବଛା କାର୍ଯ୍ୟ ଏକ ଶକ୍ତିଚାଳିତ ଘାସବଛା ଯନ୍ତ୍ରଦ୍ୱାରା ଖଣ୍ଡପଡ଼ାବ୍ଲକ ସ୍ଥିତ ଅଁଳାମଡ଼ା ଗ୍ରାମରେ ୧ହେକ୍ଟର ଜମିରେ ୭ଜଣ ପ୍ରମୁଖ ଚାଷୀଙ୍କୁ ନେଇ ଏହାର କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହି ଯନ୍ତ୍ରଟି ୩-୪ ଅଶ୍ୱଶକ୍ତି ବିଶିଷ୍ଟ, ପେଟ୍ରୋଲ ଦ୍ୱାରା ଚାଳିତ ଯନ୍ତ୍ର । ଏହାଦ୍ୱାରା ଧାଡ଼ିକୁ ଧାଡ଼ି ବ୍ୟବଧାନ ପ୍ରାୟ ୨୦ରୁ ୨୫ ସେମି ପର୍ଯ୍ୟନ୍ତ ଲଗାଯାଇଥିବା ଫସଲରେ ଘାସବଛା କାର୍ଯ୍ୟ କରାଯାଇଥିଲା । ଏଥିରେ ଘଣ୍ଟାକୁ ୧.୫ଲିଟର ପେଟ୍ରୋଲ ଖର୍ଚ୍ଚହେବା ସହ ୧/୩ ଏକର ଜମିରୁ ଘାସବଛା କାର୍ଯ୍ୟ ହୋଇ ପାରିଥିଲା । ଏହି ଯନ୍ତ୍ରର କାର୍ଯ୍ୟକାରିତା ଦକ୍ଷତାକୁ ଚାଷୀଭାଇମାନେ ଆପେଣେଇବା ପାଇଁ ଆଗ୍ରହ ପ୍ରକାଶ କରିବା ସହ ଭବିଷ୍ୟତରେ ଏହାକୁ ବ୍ୟବହାର କରିବା ପାଇଁ ଇଚ୍ଛାପ୍ରକାଶ କରିଥିଲେ ।

## ଆକ୍ସିଆଲ ଫ୍ଲୋ ଧାନ ଅମଳ ଯନ୍ତ ଉଦ୍ଧୃତ ନଡ଼ା ବେଡ୍ ଦ୍ୱାରା ଛତୁ ଚାଷ

ନୟାଗଡ଼ ଜିଲ୍ଲାରେ ପାଳଛତୁ ଚାଷ ପ୍ରତି ଲୋକମାନଙ୍କର ଆଗ୍ରହ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ବର୍ଷସାରା ପାଳଛତୁ ଚାଷପାଇଁ ନଡ଼ା ବିଡ଼ାର ଅଭାବ ଦେଖାଯାଉଥିବାରୁ ଚାଷୀମାନେ ପାଳଛତୁ ଚାଷ ବର୍ଷସାରା କରିବାକୁ ସକ୍ଷମ ହୋଇପାରୁନାହାନ୍ତି । ଏହିସବୁ ଅସୁବିଧାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ଆକ୍ସିଆଲ ଫ୍ଲୋ ଧାନ ଅମଳ ଯନ୍ତରେ ଧାନ ଅମଳ କରାଯାଇଥିବା ନଡ଼ାକୁ ବ୍ୟବହାର କରି ପାଳଛତୁ ଚାଷ ନିମନ୍ତେ ଚାଷୀମାନଙ୍କୁ ତାଲିମ ସହିତ ଏକ କ୍ଷେତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ଏଥି ନିମନ୍ତେ ୪ଟି ପୋଷ୍ୟଗ୍ରାମ ଯଥା ଓଡ଼ିଆ ବୁଢ଼ାପଦର, ନଛିପୁର,




ଗୋଡ଼ିପଲ୍ଲୀ ଏବଂ ଅଂଳାମଡ଼ା ଗ୍ରାମରେ ନଡ଼ାକୁ ଦେଢ଼ଫୁଟ ଲମ୍ବରେ ବିଡ଼ାବାନ୍ଧି, ଦୁଇ ମୁହଁକୁ ସାଇଜ୍ କରି ୧୨କେ.ଜି.ରୁ ୧୫କେ.ଜି. ନଡ଼ା ବିଡ଼ା କରି ୨-୩ଘଣ୍ଟା ପାଣିରେ ଭିଜାଇ ନଡ଼ା ବେଡ୍ ପ୍ରସ୍ତୁତ କରାଯାଇଥିଲା । ଏହିପରି ଭାବରେ ବେଡ୍ ପ୍ରସ୍ତୁତି ପରେ ୧୨-୧୪ଦିନ ଭିତରେ ଗୋଟିଏ ବେଡ୍‌ରୁ ହାରାହାରି ୮୦୦-୯୦୦ଗ୍ରାମ ଛତୁ ଉତ୍ପାଦନ କରାଯାଇଥିଲା । ସ୍ଥାନୀୟ ବଜାରରେ କେଜି. ପ୍ରତି ୧୬୦-୧୮୦ଟଙ୍କା ହିସାବରେ ବିକ୍ରିକରି ଶଯ୍ୟା ପ୍ରତି ୧୧୦-୧୨୦ଟଙ୍କା

**ପ୍ରକାଶକ :** ଡ଼ଃ ଅନିଲ୍ କୁମାର ସ୍ୱାଇଁ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

**ସଂପାଦକ :** ବିକ୍ରମ କେଶରୀ ପରିମାଣିକ
ସହକାରୀ ( କାର୍ଯ୍ୟକ୍ରମ ସହକାରୀ)

**ଯୋଗଯୋଗ ଠିକଣା-**

**କୃଷି ବିଜ୍ଞାନ କେନ୍ଦ୍ର**
ନୟାଗଡ଼, ପାଣିପଇଲା,
ପୋଷ୍ଟ- ବାଲୁଗାଁ, ଜିଲ୍ଲା -ନୟାଗଡ଼
ଫୋନ - ୯୪୩୯୦୨୪୦୪୦
kvknayagarh.ouat@gmail.com